# Akashvani, Sambalpur

## SAMBALPURI NEWS EVENING BULLETIN

## 26 August 2024- 7.02 pm- 7.12 pm.

**********************************************

୧- ଭକ୍ତି ଆର୍ ଆନନ୍ଦ୍‌ର ସଙ୍ଗେ ଆଏଜ୍ ପାଲନ୍ ହେଉଛେ ପବିତ୍ର ଜନ୍ମାଷ୍ଟମୀ ।

- ଶୁଭେଚ୍ଛା ଜନାଲେ ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ, ରାଜ୍ୟପାଲ୍, ମୁଖ୍ୟମନ୍ତ୍ରୀ ।

୨- ଓଡ଼ିଶା ନ ପାଖାପାଖି ୮ ଶହ ଟା ସ୍କୁଲ୍‌କେ ପି.ଏମ୍.ଶ୍ରୀ ସ୍କୁଲ୍ ଭାବେ ବିକଶିତ୍ କରାଯିବା- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ।

୩- ଓଡ଼ିଶା ସର୍‌କାର୍‌ଙ୍କର୍ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁଁ ଜାରି କରାଗଲା ସୁଭଦ୍ରା ଯୋଜ୍‌ନାର୍ ଗାଇଡ୍‌ଲାଇନ୍ ।

ଆଉର୍

୪- ବାର୍ଡ୍‌ଫ୍ଲୁ ଲାଗି ରାଏଜେ ନିର୍ଦ୍ଦେଶ୍‌ନାମା ଜାରି କଲା ସ୍ୱାସ୍ଥ୍ୟବିଭାଗ୍ ।

ଜନ୍ମାଷ୍ଟମୀ ଆର୍ଏନ୍ୟୁ/ କଟକ୍

ଭକ୍ତି ଆର୍ ଆନନ୍ଦ୍ର ସଙ୍ଗେ ଆଏଜ୍ ସାରା ପୁର୍ଥି ନ ପାଲିତ୍ ହେଉଛେ ପବିତ୍ର ଜନ୍ମାଷ୍ଟମୀ । ଭୁଦୋ ମାସର୍ ଅନ୍ଧାପଖର୍ ଅଷ୍ଟମୀ ତିଥିଥି ଭଗବାନ ଶ୍ରୀକୃଷ୍ଣ ଜନମ୍ ନେଇଥିବାର୍ନୁ ଇ ଦିନ୍କେ ଜନ୍ମାଷ୍ଟମୀ ଭାବେ ପାଲନ୍ କରାଯାଏସି । ଜନ୍ମାଷ୍ଟମୀ ଲାଗି ସାରା ଦେଶ୍ ଉତ୍ସବ୍ ମୁଖର୍ ହେଇଛେ । ମନ୍ଦିର୍ ମାନ୍କୁ ଖାସ୍ ଆୟୋଜନ୍ମାନ୍ କରାଯାଇଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍ବାସୀଙ୍କୁ ଜନ୍ମାଷ୍ଟମୀର୍ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାଷ୍ଟ୍ରପତି କହିଛନ୍ ଯେ, ଜନ୍ମାଷ୍ଟମୀ ପରବ୍ ଆମ୍କୁ ଭଗବାନ୍ ଶ୍ରୀକୃଷ୍ଣଙ୍କର୍ ଦିବ୍ୟ ଆଦର୍ଶ ଆଡ୍କେ ସମର୍ପିତ୍ ହେବାର୍ ଲାଗି ତହଁକାସି । ଭଗବାନ୍ ଶ୍ରୀକୃଷ୍ଣ ବତେଇଥିବା ବାଟେ ଚାଲ୍ବାର୍ ସାଙ୍ଗେ ଦେଶର୍ ପ୍ରଗତି ଆର୍ ସମୃଦ୍ଧିର୍ ଲାଗି କାମ୍ କର୍ବାର୍ ସଂକଳ୍ପ ନେବାର୍କେ ରାଷ୍ଟ୍ରପତି ଦେଶ୍ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଲ୍ ଜନ୍ମାଷ୍ଟମୀ ଅବ୍ସରେ ଦେଶ୍ବାସୀଙ୍କର୍ ଶୁଭ ମନାସିଛନ୍ । ରାଜ୍ୟପାଲ୍ ରଘୁବର୍ ଦାସ ସାମାଜିକ୍ ଗଣମାଧ୍ୟମ୍ ଜରିଏ ରାଜ୍ୟବାସୀଙ୍କୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର୍ ମଙ୍ଗଲ୍ କାମନା କରିଛନ୍ । ଭଗବାନ୍ ଯୋଗେଶ୍ୱର୍

ସମ୍କିରିର୍ ମନସ୍କାମନା ପୂରଣ୍ କରିକରି ଜୀବନ୍ଥି ଯଶ, କୀର୍ତି ଆର୍ ସମୃଦ୍ଧିର୍ ବରଦାନ୍ ଦଉନ୍ ବଲି ରାଜ୍ୟପାଲ୍ କହିଛନ୍ ।

ରାଜ୍ୟବାସୀଙ୍କୁ ପବିତ୍ର ଜନ୍ମାଷ୍ଟମୀର୍ ଶୁଭେଚ୍ଛା ଜନେଇକରି ପ୍ରଭୁ ଶ୍ରୀକୃଷ୍ଣଙ୍କର୍ କରୁଣାନୁ ସମ୍କିରର୍ ଜୀବ୍ନେ ସୁଖ ଆର୍ ସମୃଦ୍ଧି ଭରିଯାଉ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାମନା କରିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପବିତ୍ର ଜନ୍ମାଷ୍ଟମୀ ଅବ୍ସରେ ଶୁଭେଚ୍ଛା ଜନାବାର୍ ସଙ୍ଗେ ଭଗବାନ୍ ଶ୍ରୀକୃଷ୍ଣଙ୍କର୍ ସାରା ଜୀବନ୍ ମାନବ୍ ଜାତିର୍ ଲାଗି ଆଦର୍ଶ ଆଏ ବଲି ସାମାଜିକ୍ ଗଣମାଧମ୍ଥି କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ପିଏମ୍ଶ୍ରୀ ସ୍କୁଲ୍ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରେସ୍ରିଲିଜ୍

ଓଡ଼ିଶା ନ ପାଖାପାଖି ୮ ଶହ ଟା ସ୍କୁଲ୍କେ ପି.ଏମ୍.ଶ୍ରୀ ସ୍କୁଲ୍ ଭାବେ ବିକଶିତ୍ କର୍ବାର୍ ଯୋଜ୍ନା ଅଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଆଏଜ୍ ଅନୁଗୁଲ୍ ଜିଲ୍ଲାର୍ ଆଠ୍ମଲ୍ଲିକ୍ ବିଧାନ୍ସଭା କ୍ଷେତ୍ର ଇଲାକା ନ ଶହେ କୋଟି ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଲୋକାର୍ପଣ୍, ଉଦ୍ଘାଟନ୍ ଆର୍ ଶିଲାନ୍ୟାସ୍ ଅବ୍ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ଯେ, ଓଡ଼ିଶା ନ ପ୍ରଧାନ୍ମନ୍ତ୍ରୀ ସ୍କୁଲ୍ ଫର୍ ରାଇଜିଂ ଇଣ୍ଡିଆ- ପିଏମ୍ଶ୍ରୀ ଯୋଜ୍ନା ନ ଫିଂ’ ବ୍ଲକ୍ ଆର୍ ପୌରାଂଚଲ୍ ନ ୨ଟା ଲେଖା ସ୍କୁଲ୍କେ ପି.ଏମ୍.ଶ୍ରୀ ସ୍କୁଲ୍ ଭାବେ ବିକଶିତ୍ କରାଯିବା । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କର୍ ନେତୃତ୍ୱଥି ପ୍ରଣୟନ୍ ହେଇଥିବା ଜାତୀୟ ଶିକ୍ଷାନୀତି ନୂଆଁ ପିଢ଼ିକେ ଭବିଷ୍ୟତ୍ ଲାଗି ତିଆର୍ କର୍‌ବାର୍ ଉପ୍‌ରେ ପ୍ରାଥମିକତା ଦଉଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍‌ଙ୍କର୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟ ସ୍କୁଲ୍ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଉ ଆଠ୍‌ମଲ୍ଲିକ୍, ଛେଣ୍ଡିପଦା ଆର୍ ଅନୁଗୁଲ୍‌ର ବିଧାୟକ୍ ଉପସ୍ଥିତ୍ ଥିଲେ ।

## ସୁଭଦ୍ରା ଯୋଜ୍‌ନା-ଗାଇଡ୍ ଲାଇନ୍ ଜାରି

ହି.ସ./ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଆଏଜ୍ ସୁଭଦ୍ରା ଯୋଜ୍‌ନାର୍ ଗାଇଡ୍ ଲାଇନ୍ ଜାରି କରାଯାଇଛେ । ଗାଇଡ୍ ଲାଇନ୍ ଅନ୍‌ସାରେ ୨୦୨୪-୨୫ ବଛ୍‌ରେ ଗଲା ଜୁଲାଇ ୧ ତାରିଖ୍‌ତକ୍ ୨୧ ବଛର୍‌ନୁ ଅଏତ୍‌କା ଆର୍ ୬୦ ବଛର୍‌ନୁ କମ୍ ବୟସ୍ ହେଇଥିବା ମହିଳାମାନେ ସୁଭଦ୍ରା ଯୋଜ୍‌ନା ଲାଗି ଆବେଦନ୍ କରିପାର୍‌ବେ । ଆଧାର୍ କାର୍ଡ୍ ଥି ଥିବା ଜନମ୍ ତାରିଖ୍ ଗ୍ରହଣ୍ କରାଯିବା ବଲି ଗାଇଡ୍ ଲାଇନ୍‌ଥି ଦର୍ଶାଯାଇଛେ ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଆର୍‌ଏନ୍‌ୟୁ/କଟକ୍

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କର୍ ହତ୍ୟାର୍ ତଦନ୍ତ୍ ଆୟୋଗ୍‌ର ରିପୋର୍ଟ ଖୋବ୍ ଜଲ୍‌ଦି ସାର୍ବଜନୀନ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେବେ ବଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍, ଇ ବାବ୍‌ଦେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ ।

ଏସ୍‌ଆଇଟିର୍ ଗୁରୁତ୍ୱପୂର୍ଣ୍ଣ ବୈଠକ ଆର୍‌ଏନ୍‌ୟୁ କଟକ୍

ଦେଶ୍ ଆର୍ ଦେଶ୍ ବାହାରେ ଜମା ଥିବାର୍ କଲାଧନ୍ ଠାବ୍ କର୍‌ବାର୍‌କେ ଗଢ଼ାଯାଇଥିବାର୍ ଏସ୍‌ଆଇଟିର୍ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଆଏବା ୨୮ ତାରିଖ୍ ବୁଧବାର୍ ଦିନ କଟକ୍ ନ ହେବା । ସୁପ୍ରିମ୍‌କୋର୍ଟର ଆଘର୍ ବିଚାର୍‌ପତି ଆର୍ ଏସ୍‌ଆଇଟିର୍ ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କର୍ ଆବାସିକ କାର୍ଯ୍ୟାଳୟ ନ ସଖାଲର୍ ୧୦ ବଜୁ ବୈଠକ୍ ମୁଲ୍ ହେବା । ବୈଠକ୍‌ଥି ପ୍ରବର୍ତନ୍ ନିର୍ଦ୍ଦେଶାଳୟର୍ ନିର୍ଦ୍ଦେଶକ୍, ଆୟକର, ପ୍ରତ୍ୟକ୍ଷ ଟିକସ୍ ବୋର୍ଡ୍, ସିବିଆଇ, ରାଜ୍ୟ ପୁଲିସ୍ ଆର୍ ଖଣି ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ ବଲି ସୂଚ୍‌ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶା ଭିଜିଲାନ୍ସ ଧରିଥିବା କେତେଝନ୍ କୋଟିପତି ଅଧିକାରୀଙ୍କର୍ ସମ୍ପତି ତାଲିକା ଏସ୍‌ଆଇଟିର୍ ଉପାଧ୍ୟକ୍ଷ କେତେଦିନ୍ ଆଘୋ ଭିଜିଲାନ୍ସ

ବିଭାଗ୍‌କେ ମାଗିଥିଲେ । ହେ ବାବଦ୍ ତଥ୍ୟ ଆଏବା କାଏଲ୍ ପ୍ରବର୍ତନ୍ ନିର୍ଦ୍ଦେଶାଳୟ ଆର୍ ଆୟକର୍ ବିଭାଗ୍‌କେ ଦିଆଯିବା ବଲି ଜନାପଡ଼ିଛେ ।

ଇଡ଼ି ନିର୍ଦ୍ଦେଶକ-ଓଡ଼ିଶାଗସ୍ତ ଆର୍‌ଏନ୍‌ୟୁ/ କଟକ୍

ପ୍ରବର୍ତନ୍ ନିର୍ଦ୍ଦେଶାଳୟ- ଇଡ଼ିର୍ ନିର୍ଦ୍ଦେଶକ ରାହୁଲ୍ ନବୀନ୍ ଆଏବା କାଏଲ୍ ଉପର୍‌ବେଲା ୩ ଦିନିଆ ଓଡ଼ିଶା ଗସ୍ତ ନ ଆସ୍‌ବେ । ଇ ଗସ୍ତ ସମିଆଥି ସେ କଟକ୍ ଆର୍ ଭୁବ୍‌ନେଶ୍ୱର୍ ନ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବାର୍ଡ଼ଫ୍ଲୁ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଜିଲ୍ଲାର୍ ପିପିଲି ନ ବାର୍ଡ଼ଫ୍ଲୁ ସଂକ୍ରମଣ୍ ଦେଖାଦେଲା ଉତ୍‌ରୁ ରାଜ୍ୟ ସର୍‌କାର୍‌ଙ୍କର୍ ପ୍ରୋଟୋକଲ୍ ଅନ୍‌ସାରେ ୨୦ ହଜାର୍‌ନୁ ଅଏତ୍‌କା କୁକୁଡ଼ାଙ୍କୁ ମାରିକରି ତୁପାଯାଇଛେ । ବାର୍ଡ଼ଫ୍ଲୁ ସଂକ୍ରମଣ୍‌କେ ନଜର୍‌ଥି ରଖିକରି ସବୁ ଜିଲ୍ଲା ପ୍ରଶାସନ୍‌କେ ପ୍ରତିଷେଧକ୍ ମୂଳକ୍ ବ୍ୟବସ୍ଥା ଗ୍ରହଣ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ବାର୍ଡ଼ଫ୍ଲୁ ର୍ ଲାଗି ରାଏଜେ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ବଲି ସ୍ୱାସ୍ଥ୍ୟ

ନିର୍ଦ୍ଦେଶକ୍ ବିଜୟ ମହାପାତ୍ର କହିଛନ୍ । ଇହାଛିନ୍ କେତେଦିନ୍ ତକ୍ କୁକୁଡ଼ା ମାଂସ ନାଇଁ ଖାଏବାର୍‌କେ ସେ ପରାମର୍ଶ ଦେଇଛନ୍ ।

ଚୁରା ମଦ୍ ବେପାରୀ- ଚଢ଼ଉ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଚୁରା ମଦ୍ କାର୍‌ବାର୍‌କେ ଆଏତ୍ କର୍‌ବାର୍ ଲାଗି ଚୁରା ମଦ୍ ବେପାରୀମାନ୍‌କର୍ ଉପ୍‌ରେ ଚଢ଼ଉ ଜାରି ରହେବା ବଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଚୁରା ମଦ୍ କାର୍‌ବାର୍‌ର ନେଟ୍‌ୱାର୍କ ବନ୍ଦ୍ କର୍‌ବାର୍ ଦିଗେ କଠୋର୍ ପଦକ୍ଷେପ୍ ନିଆଯିବା । ଇ ଦିଗେ ଗୁଟେ ନିର୍ଣ୍ଣାୟକ ଥିତି ଆଏବାର୍‌ତକ୍ ଚଢ଼ଉ ଚାଲିଥିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ସମ୍ବଲ୍‌ପୁର୍-ଅନୁଗୁଳ୍ ଜାତୀୟ ରାଜପଥ ସମୀକ୍ଷା ହି.ସ.

ସମ୍ବଲ୍‌ପୁର୍-ଅନୁଗୁଳ୍ ୫୫ ନମ୍ବର୍ ଜାତୀୟ ରାଜପଥର ବଇଣ୍ଡା ଆର୍ ନାକ୍‌ଚି ସେକ୍ସନ୍ ନ ଚାଲିଥିବା ଜାତୀୟ ରାଜପଥ ତିଆର୍ କାମ୍‌ର ଅଗ୍ରଗତି ବାବ୍‌ଦେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମୀକ୍ଷା କରିଛନ୍ । ଆଏଜ୍ ଅନୁଗୁଳ୍ ଜିଲ୍ଲାର୍ ଆଠ୍‌ମଲ୍ଲିକ୍ ଜିଲ୍ଲାକେ ଗସ୍ତ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ

ଶ୍ରୀ ପ୍ରଧାନ୍ ଜାତୀୟ ରାଜପଥ କାମ୍ ଦେଖିବାର୍ ସଙ୍ଗେ ଜାତୀୟ ରାଜପଥ ପ୍ରାଧିକରଣରେ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ଜନ୍ମାଷ୍ଟମୀ ସମ୍ବଲପୁର୍/ଦେବ୍‌ଗଡ଼୍/ସୋନ୍‌ପୁର୍/ବୌଦ୍ଧ

ସମ୍ବାଦଦାତା

ପଶ୍ଚିମ ଓଡ଼ିଶା ନ ଆଏଜ୍ ଭକ୍ତି ଆର୍ ଉଲ୍ଲାସ୍‌ର ସଙ୍ଗେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ୍ ପାଲନ୍ ହେଉଛେ ।

ସମ୍ବଲ୍‌ପୁର୍ ସହରର୍ ଗୋପାଲ୍‌ଜୀ ମଠ, ରାଧାମଦନ୍‌ଗୋପାଲ୍ ମନ୍ଦିର୍, ବର୍‌ହମ୍‌ପୁରା ଗୁଡ଼ି ଆର୍ ଅଠର୍‌ହଜାର୍ ନ ଥିବା ଇସ୍କନ୍ ମନ୍ଦିର୍ ନ ଆଏଜ୍ ଜନ୍ମାଷ୍ଟମୀ ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେଇଛେ । ଇତାର୍‌ସଙ୍ଗେ ଜିଲ୍ଲାର୍ ରାଧାକୃଷ୍ଣ ଆର୍ ଜଗନ୍ନାଥ ମନ୍ଦିର୍‌ମାନ୍‌କୁ ଭିଲ୍ ଜନ୍ମାଷ୍ଟମୀ ପାଲନ୍ କରାଯାଉଛେ ।

ଦେବ୍‌ଗଡ଼୍‌ର ଜଗନ୍ନାଥ ମନ୍ଦିର୍, ରାଧାକୃଷ୍ଣ ମନ୍ଦିର୍, ଗୋପାଳଜୀଉ ମନ୍ଦିର୍ ଆର୍ ଗୋପୀନାଥ ମନ୍ଦିର୍ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ଥିବା ଜଗନ୍ନାଥ ମନ୍ଦିର୍ ଆର୍ ରାଧାକୃଷ୍ଣ ମନ୍ଦିର୍‌ମାନ୍‌କୁ ଜନ୍ମାଷ୍ଟମୀ ଉତ୍ସବ୍ ଆୟୋଜନ୍ ହେଇଛେ । ହରିବଂଶ ପାଠ ସାଙ୍ଗେ ଉପାସ୍ କରିକରି

ଶ୍ରଦ୍ଧାଳୁମାନେ ଉତ୍ସବ୍ ମନଉଛନ୍ । ରାଧାକୃଷ୍ଣ ବେଶଥି ସଜେଇ ହେଇଥିବାର୍ ଛୁଆମାନ୍‌କୁ ନେଇକରି ସ୍କୁଲ୍‌ମାନ୍‌କୁ ଜନ୍ମାଷ୍ଟମୀ ପାଲନ୍ ହେଇଛେ ।

ସୋନପୁର୍‌ର ରାଜ୍‌ବାଟି ଭିତ୍‌ରେ ଥିବା ଶ୍ରୀଗୋପାଲ୍‌ଜୀ ମନ୍ଦିର  ବଡ଼ଖମାର ଗାଁର୍ ଶ୍ୟାମସୁନ୍ଦର୍ କୁଞ୍ଜକୁଟୀର, ପାତାଳୀ ଶ୍ରୀକ୍ଷେତ୍ର ସହେତେ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୈଷ୍ଣବ ମଠ ଆର୍ ରାଧାକୃଷ୍ଣ ମନ୍ଦିର୍‌ମାନ୍‌କେ ଜନ୍ମାଷ୍ଟମୀ ପରବ ପାଲନ୍ କରାଯାଉଛେ ।

ଜନ୍ମାଷ୍ଟମୀର୍ ଲାଗି ବୌଦ୍ଧ ସହରର୍ ଐତିହାସିକ୍ ମଦନ୍ ମୋହନ୍ ମନ୍ଦିର୍‌କେ ସୁନ୍ଦର୍ ସଜାଯାଇଥିବାର୍ ବେଲେ ମନ୍ଦିର୍ ନ ପହପହନୁ ଭକ୍ତମାନ୍‌କର୍ ଭିଡ଼୍ ଲାଗିଛେ । ସେନ୍ତା ଥିଡିକାଜୋର୍ ନ ଥିବା ପୁରୁଷୋତମ ଦିବ୍ୟଧାମ୍ ଜଗନ୍ନାଥ ମନ୍ଦିର୍ ସହେତେ ଜିଲ୍ଲାର୍ ଭିନ୍ ଭିନ୍ ଜାଗାର୍ ରାଧାକୃଷ୍ଣ ଆର୍ ଭାଗ୍‌ବତ୍ ମନ୍ଦିର୍ ମାନ୍‌କୁ ଜନ୍ମାଷ୍ଟମୀର୍ ଆୟୋଜନ୍ କରାଯାଇଛେ । ବୌଦ୍ଧ ସରସ୍ୱତୀ ବିଦ୍ୟା ମନ୍ଦିର୍ ନ ହେଇଥିବା ଉତ୍ସବ୍‌ଥି ଛୁଆମାନେ ଶ୍ରୀକୃଷ୍ଣ ଆର୍ ରାଧା ବେଶଥି ସଜେଇହେଇକରି ସାମିଲ୍ ହେଇଥିଲେ ।

ରକ୍ତଦାନ୍ ଶିବିର ବୌଦ୍ଧ ସମ୍ବାଦଦାତା

ରକ୍ତଦାନ୍‌କେ ତହଁକାବାର୍‌କେ ବୌଦ୍ଧ ଜିଲ୍ଲା ପୁଲିସ୍ ତରଫୁ ରକ୍ତଦାତାମାନ୍‌କୁ ହେଲ୍‌ମେଟ୍ ଉପହାର୍ ଦିଆଯାଇଛେ । ହେ ଅବ୍‌ସରେ ଆଏଜ୍ ହର୍‌ଭଙ୍ଗା ଥାନା ନ ଏସ୍‌ଡ଼ିପିଓ କୁଲ୍‌ଦୀପ୍ ମୀନାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଶହେ ୧୦ ଝନ୍ ରକ୍ତଦାନ୍ କରିଥିବାର୍ ବେଲେ ସେମାନ୍‌କୁ ହେଲ୍‌ମେଟ୍ ସଙ୍ଗେ ସାର୍ଟିଫିକେଟ୍ ଦିଆଯାଇଥିଲା । ଇତାର୍‌ସହେତେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ୍‌ଥି ଗଛ୍ ଲଗାଯାଇଥିଲା ।

ଆଇନ୍ ସଚେତନତା ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ବୋଡ଼େନ୍ ନ ତାଲୁକ୍‌ସ୍ତରୀୟ ଆଇନ୍ ସଚେତନତା ଶିବିର ହେଇଯାଇଛେ । ଆଏଜ୍ ହେଇଥିବା ଶିବିରଥି ତାଲୁକ୍ ଆଇନ୍ ସହାୟତା ସମିତିର୍ ଅଧ୍ୟକ୍ଷ ଆର୍ ପ୍ରଥମ୍ ଶ୍ରେଣୀର୍ ବିଚାର୍ ବିଭାଗୀୟ ମାଜିଷ୍ଟ୍ରେଟ୍ ପଲ୍ଲବୀ ଦାସ ମାହାଲିଆ ଆଇନ୍ ସେବା ସହାୟତା ବାବ୍‌ଦେ ଆଲୋଚନା କରିଛନ୍ । ଶିବିରଥି ଓକିଲ୍ ସଂଘର୍ ସଭ୍ୟମାନ୍‌କର୍ ସହେତେ ପୁଲିସ୍ ଜଙ୍ଗଲ୍ ଆର୍ ଅବକାରୀ ବିଭାଗ୍‌ର ଅଧିକାରୀ ଆର୍ କର୍ମଚାରୀ ମାନେ ଯୋଗ୍ ଦେଇଥିଲେ ।

ଝାଡ଼ାବାନ୍ତି ବେମାରି -ବର୍‌ଗଡ଼୍ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ଗାଇସିଲେଟ୍ ବ୍ଲକ୍ ଗୁଦେର୍‌ପାଲି ପଂଚାୟତ୍‌ର ବେହେରାପାଲି ଗାଁ ନ ଝାଡ଼ାବାନ୍ତି ବେମାରି ଚାପିଛେ । ଗଲା ୪ ଦିନ୍ ଭିତ୍‌ରେ ୩୩ ଝନ୍ ଝାଡ଼ାବାନ୍ତିଥି ଆକ୍ରାନ୍ତ ହେଇଥିବାର୍ ବେଲେ ତାଲ୍‌ପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର୍ ଡାକ୍ତରୀ ଦଲ୍ ଗାଁକେ ଯାଇକରି ରୋଗୀମାନ୍‌କର୍ ଚିକିତ୍ସା କରୁଛନ୍ । ପିଇବାର୍ ପାଏନ୍‌ନୁ ଝାଡ଼ାବାନ୍ତି ଚାପିଥିବାର୍ ଅନୁମାନ୍ କରାଯାଉଛେ । ପାଏନ୍ ବିଶୋଧନ୍ କରିକରି ପିଇବାର୍‌କେ ଗାଁର୍ ଲୁକ୍‌କୁ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସଚେତନ୍ କରାଯାଉଛେ ।

## ଜିଲ୍ଲାସ୍ତରୀୟ ନେତୃତ୍ୱ ବିକାଶ୍ ତାଲିମ୍ ଶିବିର

ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ବୋଡ଼େନ ବିଜୁ ପଟ୍ଟନାୟକ୍ ଡିଗ୍ରୀ କଲେଜ୍ ନ ଜାତୀୟ ସେବା ଯୋଜ୍‌ନା- ଏନ୍‌ଏସ୍‌ଏସ୍‌ର ଜିଲ୍ଲାସ୍ତରୀୟ ନେତୃତ୍ୱ ବିକାଶ୍ ତାଲିମ୍ ଶିବିର ହେଇଯାଇଛେ । ହେଥି ଜିଲ୍ଲାର୍ ଭିନ୍ ଭିନ୍ କଲେଜ୍‌ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଭାଗ୍ ନେଇଥିଲେ ।

## ବର୍‌ହାଛୁଆକେ ଉଦ୍ଧାର

ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ର ଗଡ଼ରାଶନୀ ଜପ୍‌ତି ଜଙ୍ଗଲ୍‌ନୁ ଜଙ୍ଗଲ୍ ବିଭାଗ୍‌ର କର୍ମଚାରୀମାନେ ୫ ଟା ବର୍‌ହାଛୁଆକେ ଉଦ୍ଧାର୍ କରିଛନ୍ । ଝନେ ଚାଷୀଙ୍କର୍ କ୍ଷେତେ ଥିବା କୁଆଁନୁ ବର୍‌ହା ଛୁଆମାନ୍‌କୁ ଉଦ୍ଧାର୍ କରିକରି ପ୍ରାଣୀ ଚିକିତ୍ସକଙ୍କର୍ ଦ୍ୱାରା ଚିକିତ୍ସା କରାଯାଇଛେ । ବର୍‌ହା ଛୁଆମାନ୍‌କୁ ଜଙ୍ଗ୍‌ଲେ ଛାଡ଼୍‌ବାର୍ ବ୍ୟବସ୍ଥା କରାଯାଇଛେ ବଲି ଫରେଷ୍ଟର୍ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ହେଉଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ବନିହାଁ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ଉପର୍‌ମୁଡୁ ପାଏନ୍ ଢୁକ୍‌ବାର୍‌ଟା କମିଥିବାର୍‌ନୁ ଜଲ୍‌ଭଣ୍ଡାର୍‌ର ୬ ଟା ଗେଟ୍‌କେ ବନ୍ଦ୍ କରାଯାଇଛେ । ଏଛେନ୍ ଜଲ୍‌ଭଣ୍ଡାର୍‌ର ୧୪ ଟା ଗେଟ୍ ଦେଇକରି ମହାନଦୀକେ ବଢ଼ି ପାଏନ୍ ଛଡ଼ାଯାଉଛେ ।